**ସ୍ନେହପ୍ରଭାଙ୍କୁ ବନଫୁଲ ମେଧା ବୃତ୍ତି**

ରାଜନଗର,(ଡି.ଏନ.ଏ.): ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବାର୍ହାପୁର ଗାଁର ମେଧାବୀ ଛାତ୍ରୀ ସ୍ନେହପ୍ରଭା ଖଣ୍ଡୁଆଳଙ୍କୁ ବନଫୁଲ ମେଧାବୃତ୍ତି ପ୍ରଦାନ କରାଯାଇଛି। ବନଫୁଲ ସହଯୋଗ ସମିତିର ସଭାପତି ପବିତ୍ର ବ୍ରହ୍ମପୁତ୍ର ନାୟକ ଛାତ୍ରୀଙ୍କ ଘରେ ପହଞ୍ଚି ଏକ ହଜାର ଟଙ୍କା ମେଧାବୃତ୍ତି ପ୍ରଦାନ କରିଛନ୍ତି। ସ୍ନେହପ୍ରଭା ବାର୍ହାପୁର ସ୍ଥିତ ସପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଯୁକ୍ତ ୨ ବିଜ୍ଞାନ ପଢିବା ପାଇଁ ଆଗ୍ରହୀ ଅଛନ୍ତି। ୨ ବର୍ଷହେଲା ପ୍ରତ୍ୟେକ ମାସରେ ବନଫୁଲ ସହଯୋଗ ସମିତି ପକ୍ଷରୁ ଜଣେ ମେଧାବୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଉଛି।



**ସଂକ୍ଷେପରେ**

## ଯୁବକଙ୍କ ମୃତଦେହ ଜବତ

- ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବରୀ,୧୨।୯(ଡି.ଏନ.ଏ.): ରବିବାର ସକାଳୁ ସାହୁପଡ଼ା ପଞ୍ଚାୟତ ଅଧୀନ ହଳଦୀବସନ୍ତ ଗ୍ରାମର ଦଣ୍ଡାମୁଣ୍ଡ ବରଗଛ ନିକଟରେ ପଡିଥିବା ଜଣେ ଯୁବକଙ୍କ ମୃତଦେହକୁ ବରୀ ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୩/୨୧) ରୁଜୁ କରି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ନୂଆପଡ଼ା ଜିଲା ବୋଡେନ ଥାନା ଅଧୀନ ଶାରଦପୁର ଗ୍ରାମର ଦୋଳମଣି ମାଝିଙ୍କ ପୁଅ ଭରତ ମାଝି (୨୩)। ଦୀର୍ଘଦିନ ହେଲା ଭରତ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ସାହୁପଡ଼ା ପଞ୍ଚାୟତ ଦଳେଇ ସାହିର ଶିଶିର ଦଳେଇଙ୍କ ଘରେ ରହି ଆସୁଥିଲେ। ଭରତ ଓ ଶିଶିର ଦୁଇ ସାଙ୍ଗ ଥିଲେ। ହେଲେ କେଉଁ କାରଣରୁ ଭରତଙ୍କ ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କୁ ହତ୍ୟା କରାଯାଇ ଫିଙ୍ଗି ଦିଆଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଶନିବାର ରାତି ୧୧ ଟା ପର୍ଯ୍ୟନ୍ତ ଭରତ ଓ ଶିଶିର ଘରେ ଥିଲେ ବୋଲି ଶିଶିରଙ୍କ ମାଆ ପ୍ରକାଶ କରିଛନ୍ତି।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ

**କେନ୍ଦ୍ରାପଡ଼ା ଅଫିସ, ୧୨।୯:** ଗରଦପୁର ବ୍ଲକ ବଡବେତରା ପଞ୍ଚାୟତ ଭାରିଗୋଲଠାରେ ରାୟ ଫାଉଣ୍ଡେଶନ ୱେଲଫେୟାର ଟ୍ରଷ୍ଟ, ଭାରିଗୋଲ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଶିବିରକୁ ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡା ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ ଇଂ. ନଳିନୀକାନ୍ତ ରଥ କହିଛନ୍ତି, ମଣିଷ ପାଇଁ ଅଦ୍ୟାବଧି ରକ୍ତର ବିକଳ୍ପ ବ୍ୟବସ୍ଥା ନାହିଁ। ତେବେ ଆବଶ୍ୟକ ସମୟରେ ରକ୍ତର ଅଭାବ ଦେଖାଯାଉଛି। ଏହାକୁ ପରିଚାଳନା ପାଇଁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଶିବିରରେ ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମଧୁମିତା ଅଗ୍ରୱାଲ, ଜିଲା ଯୁବ ସଭାପତି ରାଜେଶ କୁମାର ଦାସ, ରାୟ ଫାଉଣ୍ଡେଶନ ମ୍ୟାନେଜିଂ ଟ୍ରଷ୍ଟି ବିଜନ ରାୟ, ସରପଞ୍ଚ ଦିଲୀପ କୁମାର ନାୟକ, ସମିତିସଭ୍ୟ ଅନନ୍ତ କୁମାର ପରିଡା ପ୍ରମୁଖ ପହଞ୍ଚି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅଧାପକ ପରିକ୍ଷୀତ ନାୟକ, ଅଧାପକ ପ୍ରଦୀପ ଜେନା, ନବଘନ ରାଉତରାୟ, ଅଭିରାମ ଜେନା, ମନୋରଞ୍ଜନ ପରିଡା, କବି ପ୍ରସାଦ ବାରିକ, ବିଜୟ କୁମାର ମଲ୍ଲିକ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ଖବରକାଗଜ ବିତରକଙ୍କ ପିତୃ ବିୟୋଗ

ରସୁଲପୁର,୧୨।୯(ଡି.ଏନ.ଏ.): ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଫୁଲାଡ଼ି ଗ୍ରାମର ରବିନ୍ଦ୍ରନାଥ ଆଦୁଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ରବିନ୍ଦ୍ରନାଥଙ୍କ ଏକମାତ୍ର ପୁଅ ମାନସ ବାରବାଟୀ ଅଞ୍ଚଳର ଖବରକାଗଜ ବିତରକ ଅଛନ୍ତି। ରବିନ୍ଦ୍ରନାଥ ଗତ କିଛି ମାସ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ଖବରକାଗଜ ବିକ୍ରି କରି ମାନସ ଯାହା ରୋଜଗାର କରୁଥିଲେ ତାହା ବାପାଙ୍କ ଚିକିତ୍ସା ସହ ପରିବାର ଚଳାଇବାରେ ଖର୍ଚ୍ଚ ହେଉଥିଲା। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ବାରବାଟୀ ଅଞ୍ଚଳର ଖବରଦାତାମାନେ ଦାବି କରିଛନ୍ତି। ରବିନ୍ଦ୍ରନାଥଙ୍କ ବିୟୋଗରେ ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ବିତରକ ନିରଞ୍ଜନ ଶତପଥୀ,ଅକ୍ଷୟ ମଲ୍ଲିକ,ସୌମ୍ୟ ପ୍ରକାଶ ମହାପାତ୍ର,ବାସୁଦେବ ମଲ୍ଲିକ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ରାସ୍ତାରୋକୋ, ଜେଲଭରୋ ଆନ୍ଦୋଳନ ଡାକରା

**ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି**

ଆଳି,୧୨।୯(ଡି.ଏନ.ଏ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ନିକଟ ବରୁଣାଡିହାଠାରେ ଖରସ୍ରୋତା ନଦୀରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ବିବାଦ ଏବେ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚି ସାରିଛି। ହେଲେ ରାଜ୍ୟ ସରକାର ସ୍ଥାଣୁ ପାଲଟି ଯାଇଛନ୍ତି। ଦୀର୍ଘ ଦୁଇବର୍ଷ ହେବ ପ୍ରକଳ୍ପକୁ ସ୍ଥାନୀୟ ବାସିନ୍ଦା ବିରୋଧ କରି ଆସୁଛନ୍ତି। ରାଜ୍ୟ ସରକାର ଏହାର ସ୍ଥାୟୀ ପ୍ରତିକାରର ବ୍ୟବସ୍ଥା କରୁନାହାନ୍ତି। ଆଗାମୀ ଦିନରେ ଆନ୍ଦୋଳନକୁ ଦୃଢ କରି ରାସ୍ତାରୋକୋ ଓ ଜେଲଭରୋ ଆନ୍ଦୋଳନ କରିବାକୁ ରବିବାର ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଡାକରା ଦିଆଯାଇଛି।

ସୂଚନା ଅନୁଯାୟୀ, ଭଦ୍ରକ ଜିଲାକୁ ପିଇବା ପାଣି ଯୋଗାଇ ଦେବା ନିମନ୍ତେ ୨୦୧୯ରେ ରାଜ୍ୟ ସରକାର ୮୯୨ କୋଟି ବ୍ୟୟ ଅଟକଳରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରେ କରିବାକୁ ସ୍ଥିର କରିଥିଲେ। ଏହା ପରେ ସ୍ଥାନୀୟ ବାସିନ୍ଦା ଏହାକୁ ଜୋର ବିରୋଧ କରିଥିଲେ। ଏହି ବିରୋଧ ଦୀର୍ଘଦିନ ଜାରି ରହିବା ପରେ ପ୍ରକଳ୍ପ କାର୍ଯ୍ୟ ନେଇଥିବା କମ୍ପାନୀ ଫେରି ଯାଇଥିଲା। ଗତ ଅଗଷ୍ଟ ୧୦ ତାରିଖଠାରୁ ଜିଲା ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଅଞ୍ଚଳରେ ୧୪୪ ଧାରା ଲାଗୁ କରି ଯୋର ଜବରଦସ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିଲେ। ପୋଲିସ ଛଉଣୀରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପରେ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ହଜାର ହଜାର ସଦସ୍ୟ ଏହା ବିରୋଧରେ ରାସ୍ତାରୋକୋ କରିଥିଲେ। ଅଗଷ୍ଟ ୧୨ରେ ସଂଗ୍ରାମ ସମିତିର ସଦସ୍ୟମାନେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୋଲିସ ଲାଠି ଚାଳନା କରିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ପ୍ରକଳ୍ପ ଅଞ୍ଚଳରେ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ପୋଲିସ ୨୪ ଜଣଙ୍କୁ ମାସେ ହେବ ଗିରଫ କରି ଜେଲକୁ ପଠାଇ ଦେଇଛି। ଅଗଷ୍ଟ ୧୫ ତାରିଖଠାରୁ ମା’ ଅନ୍ଧାରଘରଣୀ ମନ୍ଦିର ନିକଟରେ ସଂଗ୍ରାମ ସମିତି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଏହାକୁ ବିଭିନ୍ନ ରାଜନୈତିକ ଦଳର ନେତା ଓ ସଙ୍ଗଠନ ପକ୍ଷରୁ ସମର୍ଥନ କରି ସାମିଲ ହୋଇଥିଲେ। ଏ ପ୍ରସଙ୍ଗ ମଧ୍ୟ ଚଳିତ ବିଧାନସଭାରେ ଉଠିଥିଲା। ସଂଗ୍ରାମ ସମିତି ବିଧାନସଭା ଘେରାଉ କରିଥିଲେ, ସୁଦ୍ଧା ସରକାର ନୀରବ ହୋଇ ବସିଛନ୍ତି। ଏହି ଘଟଣାକୁ ମାସେ ପୂରି ଯାଇଥିବା ବେଳେ ସରକାର ସଂଗ୍ରାମ ସମିତିର କୌଣସି ଦାବି ଶୁଣୁନାହାନ୍ତି। ସଂଗ୍ରାମ ସମିତି ପକ୍ଷରୁ ଏହି ଆନ୍ଦୋଳନକୁ ଆଗାମୀଦିନରେ ଆହୁରି ଜୋରଦାର କରାଯିବା ସଙ୍ଗେ ସଙ୍ଗେ ଜେଲଭରୋ ଆନ୍ଦୋଳନ କରିବାକୁ ଡାକରା ଦିଆଯାଇଛି। ଏହି ଆନ୍ଦୋଳନକୁ ଗାଁ ଗାଁରେ ପହଞ୍ଚାଇବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ପୂର୍ବାହ୍ନରେ ରାଜକନିକା ବ୍ଲକ ଅଚ୍ୟୁତପୁର ମା’ ଅନ୍ଧାରଘରଣୀ ମନ୍ଦିର ନିକଟରେ ସଂଗ୍ରାମ ସମିତିର ସଭାପତି ଦୁର୍ଯୋଧନ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ସର୍ବଦଳୀୟ ବୈଠକରେ ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ଦୋଳଗୋବିନ୍ଦ ନାୟକ, ସିପିଆଇଏମ୍‌ର କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ଗୟାଧର ଧଳ, ଭାଜପା ରାଜ୍ୟ ପରିଷଦ ସଭ୍ୟ ରଶ୍ମିରଞ୍ଜନ ବେହୁରା ପ୍ରମୁଖ ଯୋଗଦେଇ ପ୍ରକଳ୍ପ ବିରୋଧରେ ନିଜନିଜର ମତ ପ୍ରଦାନ କରିଥିଲେ। ଏଥିରେ ସଂଗ୍ରାମ ସମିତି ସମ୍ପାଦକ ବିଧାନ ଦାସ, ଶରତ ରାଉତ, ସବିତା ବରଜ, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଗୁଳି ବେହେରାଙ୍କ ସମେତ ଆଳି ଓ ରାଜକନିକା ବ୍ଲକର ପ୍ରତି ପଞ୍ଚାୟତରୁ ଶତାଧିକ ଲୋକ ଯୋଗଦେଇ ଆଗାମୀଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ମତ ଦେଇଥିଲେ।



ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଅନୁଷ୍ଠିତ ବୈଠକ।

# ୧୨ଚକିଆ ଟ୍ରକ୍‌ରୁ ୬୦ ବାଛୁରୀ ଉଦ୍ଧାର

**ଗାଡ଼ି ଜବତ, ଚାଳକ ଫେରାର**

ରସୁଲପୁର,୧୨।୯(ଡି.ଏନ.ଏ.)

କୁଆଖିଆ ଥାନା ପୋଲିସ ଶନିବାର ରାତିରେ ଜାରକା ପଟରୁ କୁଆଖିଆ ଆଡ଼କୁ ଯାଉଥିବା ଏକ ଗୋରୁ ବୋଝେଇ ୧୨ ଚକିଆ ଟ୍ରକ(ନଂ. ଓଡି୦୪ପି–୯୮୧୯)କୁ ଜବତ କରିଛି। ଉକ୍ତ ଟ୍ରକରୁ ୬୦ ବାଛୁରୀ ଉଦ୍ଧାର କରାଯାଇ ପ୍ରଥମାଖଣ୍ଡି ଓ ରାଜେନ୍ଦ୍ରପୁର ପଞ୍ଚାୟତ ସରପଞ୍ଚମାନଙ୍କୁ ହସ୍ତାନ୍ତର କରାଯାଇଛି। ସେମାନେ ଉକ୍ତ ବାଛୁରୀଗୁଡ଼ିକର ରକ୍ଷଣାବେକ୍ଷଣ କରିବେ ବୋଲି ଇଚ୍ଛା ପ୍ରକାଶ କରିବାରୁ ପୋଲିସ ସେମାନଙ୍କ ଜିମା ଦେଇଛି। ୧୬ନଂ. ଜାତୀୟ ରାଜପଥର ବିଜୁ ନଗର ସ୍ଥିତ ଏକ ହୋଟେଲ ନିକଟରେ ଏକ ଗୋରୁ ବୋଝେଇ ଗାଡିକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଅଟକାଇ ଥିଲେ। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ସେହି ଟ୍ରକକୁ ଥାନାରେ ଅଟକ ରଖିଛି। ହେଲେ ଚାଳକ ଓ ବ୍ୟବସାୟୀ କୌଶଳ କ୍ରମେ ଖସି ପଳାଇଥିଲେ। ଏ ନେଇ ମାମଲା(ନଂ.୩୦୬/୨୧) ରୁଜୁ କରି ପୋଲିସ ତନାଘନା ଚଳାଇଛି।



ଜବତ ଟ୍ରକ୍‌ରୁ ଉଦ୍ଧାର ବାଛୁରୀ।

# ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା




ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ପାଣି ଜମିଥିବାରୁ ଗାଡ଼ି ଚଳାଚଳରେ ଅସୁବିଧା ହେଉଛି।

ଜଗତ୍‌ସିଂହପୁର ଅଫିସ, ୧୨।୯

**ଜଗତ୍‌ସିଂହପୁର ଜିଲା**

- ସକାଳ ୯ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୯୫୬ ଏମ୍‌ଏମ୍ ରେକର୍ଡ
- ବାଲିକୁଦାରେ ସର୍ବାଧିକ ୨୨୦ ଏମ୍‌ଏମ୍
- ଡ୍ରେନେଜ୍ ସମସ୍ୟା କାରଣରୁ ଚାରିଆଡ଼େ ପାଣି ଜମିଛି

ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତରପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ପ୍ରବଳ ବର୍ଷା ଜାରି ରହିଛି। ରବିବାର ସକାଳ ୯ରୁ ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜିଲାର ବିଭିନ୍ନ ସ୍ଥାନରେ ହାରାହାରି ୧୧୯.୫ ଏମ୍‌ଏମ୍ (ମିଲିମିଟର) ହିସାବରେ ମୋଟରେ ୯୫୬ ଏମ୍‌ଏମ୍ ବର୍ଷା ରେକର୍ଡ କରାଯାଇଛି। ବାଲିକୁଦା ଓ ନାଉଗାଁ ବ୍ଲକରେ ଅତିପ୍ରବଳ ବର୍ଷା ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବାଲିକୁଦା ବ୍ଲକରେ ସର୍ବାଧିକ ୨୨୦ ଏମ୍‌ଏମ୍ ବର୍ଷା ରେକର୍ଡ କରାଯାଇଛି। ସେହିପରି ନାଉଗାଁ ବ୍ଲକରେ ୧୪୫ ଏମ୍‌ଏମ୍, ବିରିଡ଼ି ୧୧୫ ଏମ୍‌ଏମ୍, ରଘୁନାଥପୁର ୧୧୨ ଏମ୍‌ଏମ୍, କୁଜଙ୍ଗ ୧୧୦ ଏମ୍‌ଏମ୍, ଜଗତ୍‌ସିଂହପୁର ୧୦୪ ଏମ୍‌ଏମ୍, ତିର୍ତ୍ତୋଲ ୫୫ ଏମ୍‌ଏମ୍ ଓ ଏରସମାରେ ୯୫ ଏମ୍‌ଏମ୍ ବର୍ଷା ରେକର୍ଡ କରାଯାଇଛି। ଗତ ୧୧ ତାରିଖ ସକାଳୁ ରବିବାର ସକାଳ ୮.୩୦ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ସର୍ବାଧିକ ୧୦୨ ଏମ୍‌ଏମ୍ ବର୍ଷା ହୋଇଥିଲା। ଏହି ସମୟ ମଧ୍ୟରେ ବାଲିକୁଦା ବ୍ଲକରେ ୯୬ ଏମ୍‌ଏମ୍, କୁଜଙ୍ଗ ୯୧ ଏମ୍‌ଏମ୍, ନାଉଗାଁ ୪୬ ଏମ୍‌ଏମ୍, ଏରସମା ୪୫ ଏମ୍‌ଏମ୍, ତିର୍ତ୍ତୋଲ ୪୦ ଏମ୍‌ଏମ୍, ରଘୁନାଥପୁର ୩୭ ଏମ୍‌ଏମ୍ ଓ ବିରିଡ଼ିରେ ୨୮ ଏମ୍‌ଏମ୍ ବର୍ଷା ରେକର୍ଡ କରାଯାଇଛି। ସମସ୍ତ ବ୍ଲକର ହାରାହାରି ୬୦.୬୩ ଏମ୍‌ଏମ୍ ହିସାବରେ ମୋଟରେ ୪୮୫ ଏମ୍‌ଏମ୍ ବର୍ଷା ହୋଇଥିବା ସୂଚନା ଦିଆଯାଇଛି। ବର୍ଷା ସାଙ୍ଗକୁ ପବନ ଲାଗି ରହିଥିବାରୁ ବିଲରେ ପାଣି ଜମିଛି। କେତେକ ସ୍ଥାନରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ବଡ ଧରଣର କ୍ଷୟକ୍ଷତି ହୋଇ ନ ଥିଲେ ସୁଦ୍ଧା କେତେକ ସ୍ଥାନରେ କଚ୍ଚା ଘରଗୁଡିକ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଜିଲାରେ ଡ୍ରେନେଜ୍ ସମସ୍ୟା କାରଣରୁ ଚାରିଆଡେ ପାଣି ଜମି ରହିଛି। ଜଗତ୍‌ସିଂହପୁର ସହରର ଡ୍ରେନ୍‌ଗୁଡିକର ବିଭିନ୍ନ ସ୍ଥାନରେ ଜବରଦଖଲ ହୋଇଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏଭଳି ବର୍ଷା ଲାଗି ରହିଲେ ଆଗକୁ ଚାଷ କାର୍ଯ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# ଘର ନିର୍ମାଣ ପରେ ବି ଭଡ଼ାରେ ଚାଲିଛି ଅଫିସ



ନିର୍ମାଣ ସରିଥିବା ୨ କୋଠା।

ବରୀ,୧୨।୯(ଡି.ଏନ.ଏ.)

ଗତ ୫ ବର୍ଷ ତଳେ ଅଟିରା ପଞ୍ଚାୟତ ଅଧୀନ ସନ୍ଥନଠାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ନିର୍ମାଣ ସରିଛି। ସେହିପରି ରମ୍ଭା ପଞ୍ଚାୟତ ନେଉଳାଠାରେ ପ୍ରାଣୀଧନ ଚିକିତ୍ସାଳୟ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ଉପରୋକ୍ତ ଦୁଇ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଭଡ଼ା ଘରେ ସେହି ୨ ଅଫିସ ଚାଲିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଏହି ଅଫିସଦ୍ୱୟ ବରୀ ବରି ମାଉଣ୍ଡର ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଭଡ଼ଘରେ ଚାଲିଛି। ବିଶେଷକରି ଏହି କାର୍ଯ୍ୟାଳୟ ରାସ୍ତାପାର୍ଶ୍ୱରେ ଚାଲିବା ଓ ପ୍ରତିଦିନ ଶତାଧିକ ଲୋକ ଅଫିସକୁ ଆସୁଥିବାରୁ ରାସ୍ତାରେ ପ୍ରବଳ ଭିଡ ଜମୁଛି। ଫଳରେ ସାଧାରଣ ଲୋକଙ୍କ ଯାତାୟତରେ ବ୍ୟାଘାତ ସୃଷ୍ଟି ହେବା ସହ ବାରମ୍ବାର ଦୁର୍ଘଟଣା ଘଟୁଥିବା ନଜର ରହିଛି। ସରକାରୀ ଅନୁଦାନରେ ଏହି ଦୁଇ କାର୍ଯ୍ୟାଳୟ ନିର୍ମାଣ ସରିଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଅବହେଳା ଯୋଗୁ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ଅନ୍ୟପକ୍ଷେ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିମାସରେ ଘର ମାଲିକଙ୍କୁ ଭଡ଼ା ବାବଦ ଟଙ୍କା ଦେଉଥିଲେ ମଧ୍ୟ ନିର୍ମାଣ ସରିଥିବା ଘରକୁ ଅଫିସ ସ୍ଥାନାନ୍ତର କରାଯାଉନାହିଁ। ଅନ୍ୟପକ୍ଷେ ନିର୍ମାଣ ସରିଥିବା ଅଫିସ ଖାଲି ପଡିଥିବାରୁ ସେଠାରେ ଅସାମାଜିକ ଯୁବକମାନଙ୍କ ଆଡ୍ଡାସ୍ଥଳ ପାଲଟିଛି।

## ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ବିଞ୍ଝାରପୁର,୧୨।୯(ଡି.ଏନ.ଏ.):** ବିଞ୍ଝାରପୁର ବିଜେଡି ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ମୁରଲୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ବ୍ଲକ କମିଟି ଓ ବିଭିନ୍ନ ପଞ୍ଚାୟତ ସଭାପତିମାନଙ୍କୁ ନେଇ ଦଳୀୟ ସାଙ୍ଗଠନ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ପ୍ରତି ପଞ୍ଚାୟତ ଓ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଉପାଧ୍ୟକ୍ଷା କୁମୁଦିନୀ ଦାସ, ମହିଳା ସଭାନେତ୍ରୀ ଅହଲ୍ୟା ସ୍ୱାଇଁ, ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ୍ ଦାସ, ନିର୍ବାଚନମଣ୍ଡଳୀ ସଭାପତି ପ୍ରଦୀପ ମହାନ୍ତି, ଜିଲାପରିଷଦ ସଭ୍ୟ ଶ୍ରବଣ କୁମାର ଜେନା, ସୁଷମା ସେଠୀ, ପ୍ରଦୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜମିବାଡ଼ି ବିବାଦ, ପୁଣି ୩ କୋର୍ଟ ଚାଲାଣ

ରସୁଲପୁର,୧୨।୯(ଡି.ଏନ.ଏ.)

କୁଆଖିଆ ଥାନା ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତ ଚକଗୋପାଳପୁର ଗ୍ରାମରେ ଜମିବାଡି ବିବାଦକୁ ନେଇ ରକ୍ତାକ୍ତ ସଂଘର୍ଷ ଘଟିଛି। ଏହାକୁ ନେଇ ଉଭୟ ପକ୍ଷରୁ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏହି ଘଟଣାକୁ କେନ୍ଦ୍ରକରି ସେତେବେଳେ ଉଭୟ ପକ୍ଷରୁ ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ଘଟଣା ସହ ସଂପୃକ୍ତ ଥିବା ଦର୍ଶାଇ ପୋଲିସ ରବିବାର ଆଉ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚକ ଗୋପାଳପୁର ଗ୍ରାମର ଶମ୍ଭୁନାଥ ଦାସ(୩୮), କାଳନ୍ଦୀ ଦାସ(୪୩), ବଳରାମ ଦାସ(୪୬)।

ସୂଚନା ଅନୁଯାୟୀ, ୨୪ଜୁନ,୨୦୨୧ରେ ଜମିଜମାକୁ ନେଇ କାମିନୀ ଦାସ ଓ କମଳିନୀ ଦାସଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। କମଳିନୀଙ୍କ ପରିବାର ସଦସ୍ୟମାନେ ମିଳିତ ଭାବେ ଆକ୍ରମଣ କରିବାରୁ କାମିନୀଙ୍କ ସ୍ୱାମୀ ମାୟାଧର ଦାସ ଓ ଭାଇ ଗଙ୍ଗାଧର ଦାସ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ୨ଟି ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଥାନାରେ ୨ ମାମଲା(ନଂ.୨୨୦/୨୧ ଓ ୨୨୧/୨୧) ରୁଜୁ କରିଥିଲା। ଏହାକୁ କେନ୍ଦ୍ରକରି ପୋଲିସ ଘଟଣା ଦିନ କାମନୀ ଓ କମଳନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କାମନୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ରବିବାର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

## ଜମିବାଡ଼ି ବିବାଦରୁ ମାରଣାସ୍ତ୍ରରେ ଆକ୍ରମଣ

**ବାଲିଆ,୧୨।୯:** ବିରିଡି ଥାନା ୨୨ ମୌଜାର ଉକୁନ୍ଦରା ଗ୍ରାମରେ ଜମିବାଡି ବିବାଦକୁ ନେଇ ୨ ପରିବାର ପରସ୍ପରକୁ ମାରଣାସ୍ତ୍ରରେ ଆକ୍ରମଣ କରି ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୭୪/୨୧ ଓ ୧୭୫/୨୧) ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗ୍ରାମର ବେହେରା ସାହିରେ ରହୁଥିବା ପୀତବାସ ବେହେରା ଓ ନୃସିଂହ ବେହେରାଙ୍କ ମଧ୍ୟରେ ଜମିବାଡିକୁ ନେଇ ପୂର୍ବରୁ ବିବାଦ ଲାଗିରହିଥିଲା। ଶନିବାର ପୀତବାସ ଓ ପୁଅ ଜ୍ଞାନରଞ୍ଜନଙ୍କ ସହ ନୃସିଂହ ଓ ପୁଅ ନିହାରରଞ୍ଜନଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ହାତାହାତି ହୋଇଥିଲା। ଏନେଇ ପୋଲିସ ସେମାନଙ୍କୁ ଗିରଫ କରିଛି।



ପାରାଦୀପ ଉପକଣ୍ଠ ବିଶ୍ୱାଳୀ ପଞ୍ଚାୟତର କୋଲଡିଆ ଗ୍ରାମରେ ବର୍ଷା ପାଣି ଗାଁ ଦାଣ୍ଡରେ ଲହଡି ମାରୁଛି। ନିକଟସ୍ଥ ନଦୀ ଓ ପୋଖରୀରୁ ମାଛ ପଳାଇ ଆସିଛନ୍ତି। ଏନେଇ ଗାଁ ଲୋକେ ଘର ବାହାରକୁ ଆସି ଜାଲ ପକାଇ ମାଛ ଧରୁଛନ୍ତି।

# ଅଭିଯୋଗକାରୀଙ୍କ ପଛରେ ପଡ଼ିଛି ପୋଲିସ

- ଖଣି ଚୋରଙ୍କ ପ୍ରତି ଅନୁକମ୍ପା
- ସୂଚନା ଅଧିକାର ଅଭିଯାନକୁ ଦମନ ପାଇଁ ମିଥ୍ୟା ମାମଲା

ଯାଜପୁରଟାଉନ,୧୨।୯(ଡି.ଏନ.ଏ.)

ଯାଜପୁର ଜିଲାରେ ଖଣି ଚୋରମାନଙ୍କୁ ଛାଡିଦେଇ ପୋଲିସ ଓ ପ୍ରଶାସକ ଅଭିଯୋଗକାରୀଙ୍କ ପଛରେ ପଡ଼ିଛି ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ କର୍ମୀମାନେ ଅଭିଯୋଗ କରିଛନ୍ତି। ରବିବାର ଯାଜପୁର ଶାନ୍ତିମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଅଧିକାର ଅଭିଯାନ କର୍ମୀମାନେ ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି। ସୂଚନା ଅଧିକାର ଅଭିଯାନକୁ ଦମନ କରିବା ପାଇଁ ମିଥ୍ୟା ମାମଲା ଲାଗି ଷଡଯନ୍ତ୍ର କରାଯାଉଛି ବୋଲି ସେମାନେ କହିଛନ୍ତି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ ଲଘୁ ଖଣିଜ ସମ୍ପଦ ଚାଲାଣ ଚାଲିଛି। ବିଶେଷ କରି କଳାପଥର ଲୁଟ୍ ଚାଲୁ ରହିଛି। ବିଭିନ୍ନ ସମୟରେ ବେଆଇନ କଳା ପଥର ଖନନ ଓ ଚୋରା ଚାଲାଣକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ନରମ ମନୋଭାବ ରଖି ଆସିଥିବା ସତ୍ତ୍ୱେ ସ୍ଥାନୀୟ ଲୋକଙ୍କ ଦ୍ୱାରା ହାଇକୋର୍ଟ, ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ଲୋକାୟୁକ୍ତ ପରି ନ୍ୟାୟିକ ସଂସ୍ଥାରେ ଆବେଦନ କରିବା କାରଣରୁ ଅନେକ ମାତ୍ରାରେ ଚୋରି କମିଛି। ଏହି ପରିପ୍ରେକ୍ଷୀରେ ରାହାଡ଼ପୁର ୫ନଂ. କଳାପଥର ସଇରାତର ଲିଜ୍‌ଧାରୀଙ୍କ ଦ୍ୱାରା ଅନୁମତି ବର୍ହିଭୁତ ମାଲ ଉତ୍ତୋଳନ ପରିବେଶ ଆଇନକୁ ଉଲ୍ଲଂଘନ କରୁଛି। ଖଣି ଖନନ ଓ ସେହି ଖଣିରୁ ନିର୍ଗତ ମାଟି ଦ୍ୱାରା ରାଣୀବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ପୋତି ପକାଯାଉଥିବା ଦର୍ଶାଇ ରମ୍ପେଇ ଗ୍ରାମର ବଳଭଦ୍ର ରାଉତଙ୍କ ସମେତ କେତେଜଣ ଯୁବକ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ନିକଟରେ ଗତବର୍ଷ ଲିଖିତ ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ.ଡବ୍ଲୁ.ପି.ସି ନଂ୩୨୩ /୨୦୨୧) ଆଗତ କରିଥିଲେ। ଫେବୃୟାରୀ ୫ ମଧ୍ୟରେ ଆବେଦନକାରୀଙ୍କ ଆପତ୍ତି ଉପରେ ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏପ୍ରିଲ ୧୨ ସୁଧା ଯାଜପୁର ଜିଲାପାଳଙ୍କୁ ଜଣାଇବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଧାର୍ଯ୍ୟ ଅବଧି ମଧ୍ୟରେ ଜିଲାପାଳ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ଆବେଦନକାରୀ ଏକ ମିସ୍ କେଶ୍ (ନଂ. ୧୨/୨୦୨୧) କରି ଅଗଷ୍ଟ ୨ରେ ଜିଲାପାଳଙ୍କ ଅଦାଲତରେ ହାଜର ହୋଇ ପକ୍ଷ ରଖିବାକୁ ସମସ୍ତ ଆବେଦନକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ସେଦିନ ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଏକ ଏନ୍‌ଫୋର୍ସମେଣ୍ଟ ଷ୍ଟ୍ରାଇକିଂ ଫୋର୍ସ ଖଣି ଅଞ୍ଚଳକୁ ଗସ୍ତ କରି ୧୦ନଂ. ସଇରାତ୍ ନିକଟରେ ଯାଞ୍ଚ କରୁଥିଲେ । ଏହି ସମୟରେ ବଳଭଦ୍ର ୫ନଂ. ସଇରାତ୍‌କୁ ଯାଞ୍ଚ କରିବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ମାତ୍ର ତହସିଲଦାର ୧୦ନଂ. ସଇରାତ୍‌କୁ ବଳଭଦ୍ର ପରିବେଶ ଆଇନ୍‌କୁ ଉଲ୍ଲଂଘନ କରି ବେଆଇନ୍ ବିସ୍ଫୋରଣ କରୁଛନ୍ତି। କଳାପଥର ଉତ୍ତୋଳନ ଓ ଲୁଟ୍‌ପାଟ କରି ସରକାରୀ ରାଜସ୍ୱହାନୀ କରୁଥିବା ଦର୍ଶାଇ ବିନା ସାକ୍ଷ୍ୟପ୍ରମାଣରେ ଜେନାପୁର ଥାନାରେ ଏକ ମାମଲା(ନଂ୨୬୩/୨୦୨୧)ରୁଜୁ କରି ଗିରଫ କରିଥିଲେ। ଯାହାକି ସଂପୂର୍ଣ୍ଣ ବେଆଇନ୍ ବୋଲି ଅଭିଯୋଗ କରାଯାଇଛି।

ବଳଭଦ୍ର ଖଣିଚୋରି ବାବଦରେ ଅଭିଯୋଗ କରିଥିବାରୁ ତାଙ୍କୁ ମିଛ ମାମଲାରେ ଫସାଇ ଦିଆଯାଇଛି ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ, ଯାଜପୁର ଜିଲା ଆବାହକ ସର୍ବେଶ୍ୱର ବେହୁରାଙ୍କ ସମେତ ଉଦୟନାଥ ସାହୁ, ସୁଶାନ୍ତ କୁମାର ବେହେରା, ତାରିଣୀ କୁମାର ପଟ୍ଟନାୟକ, ଭାସ୍କର ଚନ୍ଦ୍ର ଜେନା, ସୁବାସ ସେଠୀ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହାଛଡା ସୂଚନା ଅଧିକାର ଅଭିଯାନକୁ ଦମନ କରିବା ପାଇଁ ବିଭିନ୍ନ ସମୟରେ ସୂଚନା ଅଧିକାର କର୍ମୀମାନଙ୍କ ଉପରେ ମିଥ୍ୟା ମାମଲା ଲଗାଇ ଗିରଫ କରାଯାଉଥିବାରୁ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି।




ଖବରଦାତା ସମ୍ମିଳନୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ କର୍ମୀମାନେ।

**ଲଘୁଚାପ ବର୍ଷା ଆଣିଛି ଖୁସି**

ନୟାଗଡ ଅଫିସ : ଲଘୁଚାପ ବର୍ଷା ଚାଷୀଙ୍କ ପାଇଁ ଖୁସି ଆଣି ଦେଇଛି। ବର୍ଷା ଅଭାବରୁ ମରୁଡିର ପଦଧ୍ୱନି ଦେଖିବାକୁ ମିଳିଥିଲା। ଏପରି କି ଅନେକ ଜମିରେ ଧାନରୁଆ ଓ ବେଉଷଣ ହୋଇ ପାରି ନ ଥିଲା। ବର୍ଷା ଯୋଗୁ କେତେକ ଜମିରେ ବେଉଷଣ ଓ ରୁଆ ଆରମ୍ଭ ହୋଇଛି। ଫାଟି ଯାଇଥିବା ଜମିରେ ପାଣି ଜମା ହୋଇଛି। ବିଳମ୍ବରେ ହେଲେ ବି ବର୍ଷା ହେବା କାରଣରୁ କିଛି ଧାନ ଫସଲ ବଞ୍ଚି ଯିବ। ହେଲେ ଅମଳ କମିଯିବ ବୋଲି ଚାଷୀମାନେ କହିଛନ୍ତି।

**ସଂକ୍ଷେପରେ**

## ଭଲ ମଣିଷ ସବୁ ବେଳେ ମନେ ରହିବେ

**ଖଣ୍ଡପଡ଼ା,୧୨।୯(ସ୍ୱ.ପ୍ର.):** ଭଲମଣିଷ ସବୁବେଳେ ମନେ ରହନ୍ତି। ୨୫ ବର୍ଷ ପରେ ବି ଅରୁଣ ବାବୁଙ୍କ ସ୍ମୃତି ତାଜା ରହିଛି। ଖଣ୍ଡପଡା ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ଅରୁଣ ପଟ୍ଟନାୟକ ଜଣେ କର୍ମଯୋଗୀ ଥିଲେ। ଏବେ ବି ଖଣ୍ଡପଡା ନିର୍ବାଚନମଣ୍ଡଳିବାସୀ ତାଙ୍କୁ ଝୁରୁଛନ୍ତି। ରବିବାର ମଧ୍ୟାହ୍ନରେ ସ୍ଥାନୀୟ ଅରୁଣ ନିବାସରେ ଅନୁଷ୍ଠିତ ୨୫ତମ ଶ୍ରାଦ୍ଧବାର୍ଷିକୀ ସଭା ତଥା ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳନ ଅବସରରେ ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆ, ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ପଠାଣିସାମନ୍ତ ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, ଶିଶୁକବି କାଶୀନାଥ ଦାସ ପ୍ରମୁଖ ଯୋଗ ଦେଇ ଉପରୋକ୍ତ ମତ ପ୍ରଦାନ କରିଥିଲେ। ସ୍ମୃତି ପରିଷଦ ଖଣ୍ଡପଡ଼ା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ପରିଷଦ ଅଧକ୍ଷା ବୈଜୟନ୍ତବାଳା ମହାନ୍ତି ଅଧକ୍ଷତା କରିଥିଲେ। ସମ୍ପାଦକ ବିନାୟକ ମିଶ୍ର ସହଯୋଗ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଅରୁଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ୨ହତ୍ୟା ଅଭିଯୁକ୍ତ ଜେଲଗଲେ

**ନୟାଗଡ଼ ଅଫିସ,୧୨।୯:** ବଧୂ ହତ୍ୟା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ନାଠିଆପଲ୍ଲୀ ଗାଁର ମାଧବ ପ୍ରଧାନ(୬୬) ଓ ହରି ପ୍ରଧାନ(୩୦)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ୨୦୨୦ରେ ହରିଙ୍କ ସ୍ତ୍ରୀ ପ୍ରଭାସିନୀ(୨୫)ଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ପୋଲିସ ନଂ. ୧୫୧/୨୦ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏଥିରେ ସ୍ୱାମୀ, ଶ୍ୱଶୁର, ଶାଶୁଙ୍କ ନାଁରେ ଅଭିଯୋଗ ଥିଲା। ପୋଲିସ ୨ଜଣଙ୍କୁ ଗିରଫ କରିଥିବାବେଳେ ଶାଶୁଙ୍କୁ ଗିରଫ କରିପାରିନାହିଁ।

## ସୁସ୍ଥ ପାଇଁ ଗଣ ଦୌଡ଼

**ନୟାଗଡ଼ ଅଫିସ,୧୨।୯:** ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ଅଧୀନରେ ଥିବା ନେହେରୁ ଯୁବ କେନ୍ଦ୍ର ନୟାଗଡ଼ ଜିଲା କାର୍ଯ୍ୟାଳୟ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି, ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ସୁସ୍ଥ ଗଣ ଦୌଡ଼ ୨.୦(ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ ୨.୦) କାର୍ଯ୍ୟକ୍ରମ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୁଥ୍ କ୍ଲବଗୁଡିକରୁ ପ୍ରାୟ ୯୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୈନନ୍ଦିନ ଜୀବନରେ ନିଜେ ସୁସ୍ଥ ରହିବା ସହ ଜନସାଧାରଣଙ୍କ ପାଖରେ ସୁସ୍ଥତାର ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ଭାରତ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଫିଟନେସ୍ କା ଡୋଜ୍ ଅଧ ଘଣ୍ଟା ରୋଜ୍ ଆରମ୍ଭ କରାଯାଇଛି। ଏହି ପ୍ରକାରରେ ଉକ୍ତ କାର୍ଯ୍ୟକ୍ରମଟି ଜାତୀୟ ଯୁବ ସ୍ୱଚ୍ଛାସେବୀମାନଙ୍କ ଦ୍ୱାରା ଗ୍ରାମ ସ୍ତରରେ ୭୫ଟି ଗାଁରେ ଆୟୋଜିତ ହୋଇଥିବା କୁହାଯାଇଛି।

# ହନୁମାନ ପଇସା ବିକ୍ରି ର୍‍ୟାକେଟ ସକ୍ରିୟ

■ ଅସଲି ନାଁରେ ନକଲି ଦେଇ ଲୁଟୁଛନ୍ତି ଟଙ୍କା

■ ରାତାରାତି କୋଟିପତି ନିଶାରେ ଅନେକ ଫସୁଛନ୍ତି

**ନୟାଗଡ଼ ଅଫିସ,୧୨।୯**

ନୟାଗଡ଼ ଜିଲାରେ ହନୁମାନ ପଇସା ବିକ୍ରି ର୍‍ୟାକେଟ ସକ୍ରିୟ ହୋଇ ଉଠିଛନ୍ତି। କୋଟିପତି ହେବାର ଲୋଭ ଦେଖାଇ ଅସଲି ନାଁରେ ନକଲି ଦେଇ ଏହି ର୍‍ୟାକେଟ ଲକ୍ଷାଧିକ ଟଙ୍କା ଲୁଟିବାରେ ଲାଗିଛନ୍ତି। ହନୁମାନ ପଇସା ରଖିଲେ କୋଟିପତି ହେବାର ନିଶାରେ ଅନେକ ଫସି ଗରିବୀକୁ ଆଦରି ନେଉଥିଲେ ମଧ ଏହି କାରବାରକୁ ରୋକି ହେଉନି। ଏହି ର୍‍ୟାକେଟକୁ ଧରିବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ ଏହାର ପ୍ରତିକାର କରାଯାଉନାହିଁ। ତେବେ ହନୁମାନ ପଇସା ବିକ୍ରି କରି ଠକେଇ କରିବାର ଏକ ଅଭିଯୋଗ ଫତେଗଡ ଥାନାରେ ହୋଇଛି। ୨.୭୦ ଲକ୍ଷ ଠକେଇର ଶିକାର ହୋଇଥିବା ବ୍ୟକ୍ତି ହନୁମାନ ପଇସା ବ୍ୟବସାୟ କରୁଥିବା ର୍‍ୟାକେଟ ବିରୋଧରେ ଅଭିଯୋଗ ଆଣିଥିଲେ ମଧ ଆବଶ୍ୟକ ପ୍ରମାଣ ଦେଇ ପାରୁ ନ ଥିବାରୁ ଅଭିଯୁକ୍ତ ଖସିଯିବାର ସମ୍ଭାବନା ସୃଷ୍ଟି ହୋଇଛି।

ଏ ନେଇ ତ୍ରିଲୋଚନ ଦାସ କୁହନ୍ତି, ମୋର ଘର ପୁରୀ ଜିଲା ଗଡିଶାଗୋଦା ଥାନା ବକୁ ଗାଁରେ। ମୋ ଦାଦାଙ୍କ ସହ ପରିଚୟ ସୃଷ୍ଟି କରି ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ଥାନାର ପାର୍ବତୀପୁର ଗାଁର ଜଣେ ବ୍ୟକ୍ତି ହନୁମାନ ପଇସା ଦେବାକୁ କହିଥିଲେ। ପରେ ଫତେଗଡ ଥାନା ଭାଲୁଖାଇ ଗାଁର ଜଣେ ବ୍ୟକ୍ତିଙ୍କ ସହ ଆସି ୩ ଜଣ ମୋତେ ଅସଲି ହନୁମାନ ପଇସା ଦେଖାଇ ୨.୭୦ ଲକ୍ଷ ଟଙ୍କା ନେଲେ। ତେବେ ନକଲି ହୁନୁମାନ ପଇସା ଦେଇଥିଲେ। ଆହୁରି ୨.୩୦ ଲକ୍ଷ ଟଙ୍କା ପୁଣି ନେଇଥାନ୍ତେ। ନକଲି ପଇସା ଦେଖି ପ୍ରତିବାଦ ପରେ ଅସଲି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତାରଣା କରିବାରୁ ମୁଁ ଫତେଗଡ ଥାନାରେ ଅଭିଯୋଗ କରିଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ହେଲେ ତାଙ୍କୁ ଗିରଫ କରୁନାହିଁ। ଏ ନେଇ ଭାପୁରର ଜଣେ ବ୍ୟକ୍ତି ନାଁ ଗୋପନ ରଖି କହିଛନ୍ତି, ଭାଲୁଖାଇ ଗାଁର କେତେଜଣ ବ୍ୟକ୍ତି ହନୁମାନ ପଇସା କାରବାର କରି ଅନେକଙ୍କୁ ଠକୁଛନ୍ତି। ହେଲେ ଠକୁଥିବା ବ୍ୟକ୍ତି ପୋଲିସକୁ କିଛି ଦେଣନେଣ କରି କେସ୍‌କୁ ରଫାଦଫା କରୁଛନ୍ତି। ବହୁ ସମୟରେ ବହୁ ବ୍ୟକ୍ତି ଆସି ହନୁମାନ ପଇସାରେ ଠକାମିର ଶିକାର ହେଉଥିବା କହୁଛନ୍ତି। ଏ ଦିଗରେ ପୋଲିସ ପକ୍ଷରୁ ପଦକ୍ଷେପ ନେବା ଉଚିତ। ଦିନକୁ ଦିନ ଠକେଇ ବଢୁଥିବାରୁ ଏ ନେଇ ପ୍ରଶାସନ ଏହାକୁ ଅଣଦେଖା କରିବା ଅନୁଚିତ। ଫତେଗଡ ଥାନା ଆଇଆଇସି ଗିରିଜା ପଟ୍ଟନାୟକଙ୍କୁ ପଚାରିବାରେ ହନୁମାନ ପଇସା ଦେବାରେ ଠକେଇ ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ କରୁଛି ବୋଲି କହିଛନ୍ତି। ଏ ନେଇ ଭାଲିଆଡିହିର ଜଣେ ଯୁବକ କୁହନ୍ତି, ମୁଁ ଓ ଜଣେ ଶିକ୍ଷକ ହନୁମାନ ପଇସା ପାଇବାକୁ ପ୍ରାୟ ୩ ବର୍ଷ ଚେଷ୍ଟା କରିଥିଲୁ। ଅସଲି ନ ପାଇ ନକଲି ପାଇ ଠକାମିର ଶିକାର ହୋଇଥିଲୁ। କୋଟିପତି ହେବାର ନିଶା ଆମକୁ ଦରିଦ୍ରକୁ ଠେଲି ଦେଇଥିଲା। ଏପରି କି ଆମର ବଞ୍ଚିବା କଷ୍ଟକର ହୋଇ ପଡିଥିଲା। ଆମେ ଏଥିରୁ ଖସିବା ପରେ ଧୀରେ ଧୀରେ ପରିସ୍ଥିତି ସୁଧୁରିଲା। ତେବେ ଗୋଡିପଡ଼ାର ଜଣେ ଯୁବକ ହନୁମାନ ପଇସା ର୍‍ୟାକେଟର ମୁଖିଆ ହୋଇ ଅନେକ ଲୋକଙ୍କ ଜୀବନ ନେଲେଣି। ଓଡ଼ଗାଁର ଜଣେ ବ୍ୟକ୍ତି କୁହନ୍ତି, ଧନୀ ଲୋକମାନେ ହନୁମାନ ପଇସା ପଛରେ ପଡି ନିଜ ପାଇଁ ବିପଦ ଡାକି ଆଣିଛନ୍ତି। ପନ୍ତିଖାର କେତେଜଣ ବ୍ୟକ୍ତି ଏହି କାରବାରରେ ସମ୍ପୃକ୍ତ ହୋଇ ରାତାରାତି ବଡଲୋକ ହେବାକୁ ଚେଷ୍ଟା କରିଥିଲେ। ସେମାନେ ବଡଲୋକ ହେଉ ହେଉ ଗରିବ ହୋଇ ହନୁମାନ ପଇସା କାରବାରକୁ ଛାଡି ଦେଇଥିଲେ।

# ଦାଶିଆ ଅଜାଙ୍କ ୨୪ ତମ ଶ୍ରାଦ୍ଧ ଦିବସ ପାଳିତ


ସମାଧିସ୍ଥଳରେ ପାଠାଗାର ପ୍ରେମୀ

**ନୂଆଗାଁ ୧୨।୯ (ଡି.ଏନ.ଏ.)**

ପ୍ରଖ୍ୟାତ ସଂଗ୍ରାହକ , ସାରସ୍ୱତ ସାଧକ, ଉଦୟପୁର ପାଠାଗାରର ପ୍ରତିଷ୍ଠାତା ଦାଶରଥୀ ପଟ୍ଟନାୟକ (ଦାଶିଆ ଅଜା)ଙ୍କ ୨୪ତମ ଶ୍ରାଦ୍ଧ ଦିବସ ରବିବାର ଉଦୟପୁରଠାରେ ପାଳିତ ହୋଇଯାଇଛି। କୋଭିଡ୍-୧୯ ନିୟମକୁ ଦୃଷ୍ଟିରେ ରଖି ସ୍ୱଳ୍ପ ସଂଖ୍ୟକ ଲୋକଙ୍କ ଉପସ୍ଥିତିରେ ନିରାଡମ୍ବର ଭାବେ ଦାଶିଆ ଅଜାଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି।

ପାଠାଗାରର ସମ୍ପାଦକ ତଥା ଦାଶିଆ ଅଜାଙ୍କ ନାତି ଦୀପକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦାଶିଆ ଅଜାଙ୍କ ପ୍ରତିମୂର୍ତ୍ତି ଓ ସମାଧିସ୍ଥଳଠାରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଉଦୟପୁରବାସୀଙ୍କ ଦ୍ୱାରା ପାଠାଗାର ମଧ୍ୟରେ ନାମ ସଂକୀର୍ତ୍ତନ କରାଯାଇଥିଲା। ଏଥିସହ ଦାଶିଆ ଅଜାଙ୍କ ସହ ଧର୍ମିଣୀ ପୌର୍ଣ୍ଣମାସୀ ଦେବୀଙ୍କୁ ଉପସ୍ଥିତ ପାଠାଗାର ପ୍ରେମୀମାନେ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# ନୂଆଗାଁ ତହସିଲରେ ଜମିପଟ୍ଟା ବଣ୍ଟନ


ମୁଖ୍ୟ ଅତିଥି ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରୁଛନ୍ତି।

**ନୂଆଗାଁ ୧୨।୯ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ତହସିଲ କାର୍ଯ୍ୟାଳୟଠାରେ ରବିବାର ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ, ଲୋକମାନେ ଜମିପଟ୍ଟା ପାଇଁ ନୂଆଗାଁ ତହସିଲରେ ଆବେଦନ କରିଥିବା ବେଳେ ଦୀର୍ଘବର୍ଷ ଧରି ଆବେଦନକାରୀଙ୍କୁ ଦିଆଯାଇ ନ ଥିଲା। ଏ ନେଇ ଲୋକମାନେ ବାରମ୍ବାର ନୂଆଗାଁ ତହସିଲ କାର୍ଯ୍ୟାଳୟକୁ ଧାଇଁ ଧାଇଁ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିଲା। ବହୁ ସମୟରେ କାର୍ଯ୍ୟ ବ୍ୟସ୍ତତା, କର୍ମଚାରୀଙ୍କ ଅଭାବ, ଯାନ୍ତ୍ରିକ ତ୍ରୁଟି ଆଳ ଦେଖାଇ ଲୋକମାନଙ୍କୁ ଠକି ଚାଲିଥିଲେ ଅଧିକାରୀ। ଜମି ପଟ୍ଟା ପାଇଁ ମୋଟା ଅଙ୍କର ଅର୍ଥ କାରବାର ହେଉଥିଲେ ମଧ ଲୋକମାନେ ପାଇ ପାରୁ ନ ଥିଲେ। ନୂଆଗାଁ ତହସିଲ କାର୍ଯ୍ୟାଳୟରେ ପ୍ରଳୟାନନ୍ଦ ଶତପଥୀ ତହସିଲଦାର ଭାବେ ଯୋଗ ଦେବା ପରେ ଲୋକମାନଙ୍କ ଅସୁବିଧାକୁ ହୃଦୟଙ୍ଗମ କରିବା ସହ ଦୀର୍ଘବର୍ଷ ଧରି ପଡି ରହିଥିବା ଜମିପଟ୍ଟାକୁ ଶୀଘ୍ର ଲୋକମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ। ପ୍ରତି ପଞ୍ଚାୟତକୁ ଯାଇ ପଟ୍ଟା ଦେବାକୁ ବ୍ୟବସ୍ଥା କରିଥିବା ବେଳେ ରବିବାର ତହସିଲ କାର୍ଯ୍ୟାଳୟଠାରେ ଏହାର ଶୁଭାରମ୍ଭ କରାଯାଇଛି। ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ତହସିଲଦାର ଶତପଥୀ, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ସାସମଲ, ଦିଲୀପ କୁମାର ଦଳବେହେରାଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୧୮୫ ୟୁନିଟ୍ ରକ୍ତ ସଂଗ୍ରହ

**ଖଣ୍ଡପଡ଼ା,୧୨।୯(ସ୍ୱ.ପ୍ର)**

ଖଣ୍ଡପଡା ମହିଳା ମହିଳା ମହାବିଦ୍ୟାଳୟ ପରିସରରେ ଅରୁଣ ପଟ୍ଟନାୟକ ସ୍ମୃତି ପରିଷଦ ଓ ମୋ ଓଡ଼ିଶା ମୋ ପରିବାର ପକ୍ଷରୁ ରବିବାର ଆୟୋଜିତ ରକ୍ତଦାନ ଶିବିରରେ ୧୮୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାଯାଇଛି। ନୟାଗଡ ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ଶିବିରରେ ଉପସ୍ଥିତ ରହି ରକ୍ତଦାତାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ରକ୍ତ ସଂଗ୍ରହ କରିଥିଲେ। ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ କୁମାର ପଟ୍ଟନାୟକଙ୍କ ଶ୍ରାଦ୍ଧ ତିଥିରେ ରବିବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ସ୍ମିତା ଶେଫାଳି ମହାପାତ୍ର, ଅଧାପିକା ଲିପିକା ମହାନ୍ତି, ଆଇନଜୀବୀ ଗିରିଜା ଶଙ୍କର ତରାସିଆ ପ୍ରମୁଖ ଛାତ୍ରୀମାନଙ୍କ ଗହଣରେ ଯୋଗଦେଇ କଲେଜ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# କେମିଷ୍ଟ ଭବନ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୧୨।୯**

ନୟାଗଡ଼ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍ ଆନୁକୂଲ୍ୟରେ ରବିବାର କେମିଷ୍ଟ ଭବନ ନୟାଗଡ଼ ସହର ଖଣ୍ଡପଡ଼ା ରାସ୍ତାର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପାଖରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ୍ ରାଜ୍ୟ ସଭାପତି ପି. ସତ୍ୟନାରାୟଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ନୟାଗଡ଼ ଜିଲା ଭେଷଜ ନିରୀକ୍ଷକ ପ୍ରିୟଙ୍କା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ପ୍ରଦୀପ୍ତ କୁମାର ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା କେମିଷ୍ଟ ଆଣ୍ଡ ଡଗିଷ୍ଟ ଆସେସିଏଶନ୍ ସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ବଂଶୀଧର ସାହୁ, ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ନାୟକ, କୋଷାଧକ୍ଷ ପରମାନନ୍ଦ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।



ସମାରୋହରେ ଯୋଗଦେଇଥିବା ଅତିଥିମାନେ।

# ବାପ, ୨ ପୁଅ ଗିରଫ, ବାଇକ୍ ଜବତ

**ଗାଈ ମୃତଦେହ ବ୍ୟବଚ୍ଛେଦ ନେଇ ରାସ୍ତାରୋକୋ ଘଟଣା**

**ଓଡ଼ଗାଁ,୧୨।୯ (ସ୍ୱ.ପ୍ର.)**

ଗାଈର ମୃତଦେହ ବ୍ୟବଚ୍ଛେଦକୁ ନେଇ ବାପ ଓ ୨ ପୁଅ ଶନିବାର ରାସ୍ତାରୋକୋ ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି । ସେମାନେ ହେଲେ ଓଡ଼ଗାଁ ଏନ୍‌ଏସି ମନ୍ଦିର ରୋଡ଼ ସାହିର କୁମର ସାହୁ (୫୨), ପୁଅ ବଳରାମ (୨୬) ଓ ଜଗନ୍ନାଥ (୨୪)।

ପୋଲିସ ସୂଚନା ଅନୁସାରେ, ସହରରେ ବୁଲୁଥିବା ଏକ ଗାଈର ଶନିବାର ମୃତ୍ୟୁ ଘଟିଥିଲା। ଏନ୍‌ଏସି କର୍ତ୍ତୃପକ୍ଷ ମାଲିକଙ୍କ ପରିଚୟ ନ ମିଳିବାରୁ କଲେଜ ରୋଡରେ ଏକ ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଦେଇଥିଲେ। ପରେ ମୃତ ଗାଈର ମାଲିକ ବୋଲି ଦାବି କରୁଥିବା କୁମର ଏବଂ ତାଙ୍କ ଦୁଇପୁଅ ପୋଲିସର ନିର୍ଭର ପ୍ରତିଶ୍ରୁତି ସତ୍ତ୍ୱେ ଏହାର ପ୍ରତିବାଦ କରିବା ସହ ବ୍ୟବଚ୍ଛେଦ ଦାବିରେ କଲେଜ ରୋଡ଼ ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରେ ନିଆଁ ଜାଳି ଅବରୋଧ କରିଥିଲେ। ଫଳରେ ପ୍ରାୟ ୪୦ ମିନିଟ୍ ୨୧ ନମ୍ବର ରାଜ୍ୟ ରାଜପଥରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ପରେ ପୋଲିସ ବାପପୁଅ ୩ ଜଣଙ୍କ ବିରୋଧରେ ନଂ. ୯୭/୨୧ରେ ମାମଲା ରୁଜୁ କରିବା ସହ ଗିରଫ କରିଥିଲା।

ପୋଲିସ ଘଟଣାସ୍ଥଳରୁ ପୋଡା ଇଟା, ପଥର ବାଉଁଶ ସହ ଏକ ପ୍ରେସ୍ ଲେଖାଥିବା ବାଇକ୍ ଜବତ କରିଛି। ଜବତ ବାଇକ୍‌ର କୌଣସି କାଗଜ ପତ୍ର ନ ଥିବା ବେଳେ ତାହା ଏକ ଚୋରି ବାଇକ୍ ହୋଇଥିବା ପୋଲିସ ସନ୍ଦେହ କରୁଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ହତ୍ୟା ଓ ରାସ୍ତାରୋକୋ ମାମଲା ସ୍ଥାନୀୟ ଆଦର୍ଶ ଥାନାରେ ଥିବା ପୋଲିସ ଅଧିକାରୀ ସଞ୍ଜୟ କୁମର ପରିଡା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଦୁଇ ଭାଇ ବିଭିନ୍ନ ସମୟରେ ପ୍ରେସ୍ ଲେଖାଥିବା ଗାଡ଼ିରେ ବୁଲି ୱେବ ମିଡ଼ିଆ ଖବରଦାତା ଦାବି କରୁଥିବା ପୋଲିସ ପ୍ରକାଶ କରିଛି।

# ରାଜ୍ୟ ପାଠାଗାର ଆନ୍ଦୋଳନର ପୁରୋଧା

**ଦାଶିଆ ଅଜାଙ୍କ ଶ୍ରାଦ୍ଧ ବାର୍ଷିକୀ**

**ନୟାଗଡ଼ ଅଫିସ,୧୨।୯**

ବିଶିଷ୍ଟ ସଂଗ୍ରାହକ, ଉତ୍ତର ପିଢ଼ି ପାଇଁ ପଥ ପ୍ରଦର୍ଶକ ଦାଶରଥି ପଟ୍ଟନାୟକ (ଦାଶିଆ ଅଜା)ଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକୀ ଜିଲା ସଦର ମହକୁମାରେ କୋଭିଡ୍ କଟକଣା ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦାଶିଆ ଅଜା ସ୍ମୃତି ସଂସଦର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଜିଲାପାଳ ତଥା ଦାଶରଥି ପଟ୍ଟନାୟକ ଟ୍ରଷ୍ଟର ଅଧକ୍ଷ ପୋମା ଟୁଡୁ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଲା କଂଗ୍ରେସ ସଭାପତି ରଣଜିତ ଦାସ, ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ସାମାଜିକ କର୍ମୀ ନିରଞ୍ଜନ ମିଶ୍ର, ସୁରେନ୍ଦ୍ର ମହାପାତ୍ର, ଖବରଦାତା ରାମକୃଷ୍ଣ ରଥ, ସୁମନ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ଅରୁଣ ମହାନ୍ତି, ମିଷ୍ଟର କାଳିଆ, ନେତ୍ରାନନ୍ଦ ସାହୁ ପ୍ରମୁଖ ସ୍ୱର୍ଗତଃ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ।

# ସବୁ କ୍ଷେତ୍ରରେ ପଛୁଆ ନୟାଗଡ଼ ଜିଲା

**ନୟାଗଡ ଅଫିସ,୧୨।୯**


ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ ସାମନ୍ତସିଂହାର ଓ ଅନ୍ୟମାନେ।

ଭାଜପାର ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ୨ ଦିନିଆ ନୟାଗଡ଼ ଜିଲା ଗସ୍ତରେ ଆସି ଭାଜପାର ସାଙ୍ଗଠନିକ ପରିସ୍ଥିତି ଉପରେ ଆଲୋଚନା ଓ ସମୀକ୍ଷା କରିଛନ୍ତି। ଏପରିକି ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀ କିପରି ବିଜୟୀ ହେବେ ସେ ନେଇ କର୍ମୀ, ସମର୍ଥକଙ୍କୁ କର୍ଣ୍ଣମନ୍ତ୍ର ଦେଇଛନ୍ତି। ଅନ୍ୟପକ୍ଷେ ଲୋକଙ୍କ ସହ ମିଶି ଜିଲାର ସୁବିଧା ଅସୁବିଧା, ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ଲୋକଙ୍କର ଅସୁବିଧାକୁ ଆଖି ଆଗରେ ରଖି ସନ୍ଧ୍ୟାରେ ଭାଜପାର ଜିଲା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରାଇ ସରକାରଙ୍କର ବିଭିନ୍ନ ଦୋଷ, ଦୁର୍ବଳତାକୁ ନେଇ ସମାଲୋଚନା କରିଥିଲେ। ଲେଖାଶ୍ରୀଙ୍କ ସୂଚନା ଅନୁସାରେ, ଜିଲାବାସୀ ବିଜେଡିକୁ ଏକ ଲମ୍ବା ସମୟ ଧରି କ୍ଷମତାରେ ରଖିଛନ୍ତି। ନିଜେ ଅରୁଣ ସାହୁ ଲମ୍ବା ସମୟ ଧରି ବିଧାୟକ ଓ ମନ୍ତ୍ରୀ ଭାବେ ବହୁ ଗୁରୁତ୍ୱ ପୂର୍ଣ୍ଣ ବିଭାଗରେ କାମ କରୁଛନ୍ତି। ଏଭଳିସ୍ଥଳେ ନୟାଗଡ଼ ଜିଲା ସବୁକ୍ଷେତ୍ରରେ ପଛୁଆ ହୋଇରହିଛି। ଏଠାରେ ବିକାଶ ଧୂଆଁବାଣ ପାଲଟିଛି। ନୟାଗଡ଼ ଜିଲାରେ ଚିନିକଳ ପୁନରୁଦ୍ଧାର କରାଯିବାର ଆବଶ୍ୟକତା ରହିଛି। ନିର୍ବାଚନରେ ବିଜୟୀ ହେଲେ ୭ ଦିନ ପରେ ଚିନିକଳକୁ ଚାଲୁ କରିବାକୁ ନୟାଗଡ ବିଧାୟକ କହିଥିଲେ। ହେଲେ ତାହାକୁ କାର୍ଯ୍ୟକାରୀ କରିଲେ ନାହିଁ। ଜିଲାରେ ପାନୀୟ ଜଳ ସଙ୍କଟ ଦୂରୀଭୂତ ହେଉନାହିଁ। ୧୬ରୁ ୧୭ ପ୍ରତିଶତକୁ ଛାଡି ଦେଲେ ଅନ୍ୟ ଅଞ୍ଚଳରେ ଜଳସେଚନ ସୁବିଧା ନାହିଁ। ବୃତ୍ତଙ୍ଗ ଜଳସେଚନ ଯୋଜନା ସ୍ୱପ୍ନ ହୋଇ ରହିଛି। ୨୦ ବର୍ଷ ହେଲା ଏହି ପ୍ରକଳ୍ପର କାମ ଚାଲୁଥିଲେ ମଧ ଆଗଉ ନାହିଁ। ପୁଣି ପାନୀୟଜଳ ସମସ୍ୟା, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ଚିନ୍ତାର କାରଣ ପାଲଟିଛି। ଶାସକ ଦଳର ଗୁଣ୍ଡାରାଜ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପଡିଆରା ରହିଛି। ଏଗୁଡିକର ସ୍ଥିତି ଅନୁଧ୍ୟାନ କଲେ ସରକାରୀ କାର୍ଯ୍ୟାଳୟ ଦଳୀୟ ଅଫିସ ପରି ଲାଗୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ବଢ଼ି ଚାଲିଛି। ପଥରୀ ଚୋରି ଓ ବାଲି ଚୋର ପ୍ରସଙ୍ଗ ଉଠାଇ ଥିଲେ। ବିଶ୍ୱ ବିଦ୍ୟାଳୟ ନାହିଁ। ଶିକ୍ଷା କ୍ଷେତ୍ରରେ ପଛୁଆ। ସ୍ୱାସ୍ଥ୍ୟସେବା ମଧ ବିପର୍ଯ୍ୟସ୍ତ। ସାର ଦୁର୍ନୀତି ବଢ଼ି ଚାଲିଛି। ଚାଷୀ ସରକାରୀ ଦରରେ ସାର ନ ପାଇ ଦୁଇରୁ ୩ ଗୁଣା ଅଧିକ ଅର୍ଥ ଦେଇ କିଣୁଛି। ଚାଷୀର ଉତ୍ପାଦନ ସାମଗ୍ରୀ ରଖିବା ପାଇଁ ଶୀତଳଭଣ୍ଡାର ନାହିଁ। ଅକ୍ସିଜେନ ପ୍ଲାଣ୍ଟ ନୟାଗଡ଼ ଜିଲା ସଦର ମହକୁମାରେ ଇନ୍‌ଷ୍ଟଲ କରିବାକୁ ସମୟ ଗଡା ଚାଲିଛି। ମୁଣ୍ଡ ଉପରେ କରୋନାର ତୃତୀୟ ଲହରୀ ଥିବାରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାନ୍ତୁ ପରି ଅନେକ ପ୍ରସଙ୍ଗ ଉପରେ ମତ ରଖିଥିଲେ। ଏହି ସମ୍ମିଳନୀରେ ଜିଲା ସଭାପତି ଲାଲା ମନୋଜ ରାୟଙ୍କ ସମେତ ଭାଜପା ନେତ୍ରୀ ଇରାନୀ ରାୟ, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଟଣାଓଟରା ସହ ଭାଇଙ୍କୁ ଆକ୍ରମଣ, ୩ ଗିରଫ

**ଗୋପାଳପୁର,୧୨।୯(ଡି.ଏନ.ଏ.)**

ମହିଳାଙ୍କୁ ଟଣାଓଟରା ଓ ଦୁଇ ଭାଇଙ୍କୁ ଆକ୍ରମଣ ଅଭିଯୋଗରେ ଗୋଳନ୍ଥରା ପୋଲିସ ରବିବାର ୩ ଭାଇଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କତ୍ତୁରୁ ନୂଆଗାଁ ଗ୍ରାମର କାଳୁ ଚରଣ ବେହେରା, ଲାବଣ୍ୟ ଓ ଭାସ୍କର। ଏହି ଥାନା ଅନ୍ତର୍ଗତ କତ୍ତୁରୁ ନୂଆଗାଁ ଗ୍ରାମର ଝୁନୁ ବେହେରାଙ୍କ ଭାଇଙ୍କଠାରୁ ଉକ୍ତ ଗ୍ରାମର କାଳୁ, ଲାବଣ୍ୟ ଓ ଭାସ୍କର ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ କାଳୁ, ଲାବଣ୍ୟ ଓ ଭାସ୍କର ଝୁନୁ ଭାଇଙ୍କଠାରୁ ନେଇଥିବା ଟଙ୍କା ଫେରସ୍ତ କରି ଦେଇଥିଲେ। ଶନିବାର ଝୁନୁ ଓ ତାଙ୍କ ସ୍ୱାମୀ ଘରେ ଥିବା ବେଳେ କାଳୁ, ଲାବଣ୍ୟ, ଭାସ୍କର ଓ ତାଙ୍କ ସ୍ତ୍ରୀମାନେ ମିଶି ଝୁନୁଙ୍କ ଘରକୁ ଯାଇ ଆମେ ନେଇଥିବା ଟଙ୍କା ଫେରସ୍ତ କରି ଦେଇଛୁ, ବାହାରେ କାହିଁକି ଏ ସମ୍ପର୍କରେ କହୁଛ ବୋଲି କହିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ୩ ଅଭିଯୁକ୍ତ ମିଶି ଝୁନୁଙ୍କ ସ୍ୱାମୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଘଟଣା ଦେଖି ଝୁନୁ ଆସିବାରୁ ତାଙ୍କୁ ସେମାନେ ଟଣାଓଟରା କରିଥିଲେ। ପରେ ଝୁନୁ ଚିତ୍କାର କରିବାରୁ ଦୁଇ ଭାଇ ଉଦ୍ଧାର କରିବା ପାଇଁ ଆସିଲା ବେଳେ ତାଙ୍କୁ ମଧ ପନିକିରେ ଆକ୍ରମଣ କରିଥିଲେ। ଏ ନେଇ ନଂ. ୨୫୩/୨୧ ମାମଲା ରୁଜୁ କରିଥିଲା।

# ଷଠୀଓଷା: ମନେପଡ଼େ ମା'ର ବଜ୍ରମୂଳି ମାଡ଼

**ଖଣ୍ଡପଡା,୧୨।୯(ସ୍ୱ.ପ୍ର.)**

ଷଠୀଓଷା ଓଡ଼ିଶାର ପୁରପଲ୍ଲୀରେ ପାଳନ କରାଯାଏ। ଏହି ପୂଜାରେ ମା'ମାନେ ତାଙ୍କ ପିଲାଙ୍କର ଦୀର୍ଘ ଜୀବନ କାମନା କରିଥାନ୍ତି। ରବିବାର ଷଠୀଓଷା ତିଥିରେ ଖଣ୍ଡପଡ଼ା ବ୍ଲକର ଖଣ୍ଡପଡ଼ା, ଜଗନ୍ନାଥ ପ୍ରସାଦ, କୋସକା, ଢୋଲମରା, କୁମ୍ଭାରପଡା, କଣ୍ଟିଲୋ, ବାଣପୁର, ବଳରାମପ୍ରସାଦ, ସିଧାମୂଳା, ବେଣାଗାଡିଆ, ଧାନଚେଙ୍ଗଡା, ଖଳିସାହି ଆଦି ଅଞ୍ଚଳରେ ପାରମ୍ପରିକ ରୀତିରେ ପାଳନ କରାଯାଇଛି। ଏହି ପୂଜାର ବିଶେଷତ୍ୱ ହେଉଛି ଷଠୀଓଷା ଉଦ୍‌ଯାପନ ପରେ ମା'ମାନେ ସେମାନଙ୍କ ପିଲାଙ୍କୁ ବଜ୍ରମୂଳି ଗଛରେ ବାଡେଇବା। ଏହି ଅବସରରେ ମା'ର ବଜ୍ରମୂଳି ମାଡ଼କୁ ମନେପକାଇ ଏହାର ରହସ୍ୟ ଅବତାରଣା କରିଛନ୍ତି, ଖଣ୍ଡପଡା ଓ କଣ୍ଟିଲୋ ଅଞ୍ଚଳର କେତେକ ବୁଦ୍ଧିଜୀବୀ। ଏମାନଙ୍କ ମଧ୍ୟରେ ଅଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ, ଗୃହିଣୀ ସୁଜାତା ସାହୁ। ଏମାନେ ମା'ର ସ୍ନେହକୁ ସୁରକ୍ଷା ପ୍ରାଚୀର ସଦୃଶ ବର୍ଣ୍ଣନା କରିବା ସହ ବଜ୍ରମୂଳିର ବ୍ୟବହାର ଉପରେ ଅବଗତ କରାଇଥିଲେ। ଏହି ଓଷା ସମୟରେ ମା'ମାନେ ବଜ୍ରମୂଳି ଧରି ପିଲାମାନଙ୍କ ଫେରିବା ବାଟକୁ ଚାହିଁ ବସୁଥିଲେ। ସନ୍ଧ୍ୟାରେ ପିଲାମାନେ ଘରେ ପହଞ୍ଚିବା ମାତ୍ରେ ମା'ମାନେ ବଜ୍ରମୂଳି ଗଛରେ ୭ଥର ପିଟିବା ପରେ ଷଠୀମା'ଙ୍କୁ ପିନ୍ଧା ଯାଇଥିବା ହଳଦୀ ଭିଜା କନାକୁ ଚିରି ସେମାନଙ୍କ ବେକରେ ବାନ୍ଧି ଦେଇଥାନ୍ତି। ବଜ୍ରମୂଳିରେ ପିଲାଙ୍କୁ ମାରିଲେ ସେମାନଙ୍କ ଦେହ ସୁସ୍ଥ ରହିବା ସହ ବଜ୍ର ଭଳି କଠିନ ହେବ। ଏହାଛଡା କୌଣସି ଅଶୁଭ ଶକ୍ତି ସେମାନଙ୍କ ଦେହରେ ପ୍ରବେଶ କରିପାରିବ ନାହିଁ ବୋଲି ଷଠୀଓଷା କରୁଥିବା କେତେଜଣ ମହିଳା ପ୍ରକାଶ କରିଥିଲେ। ଷଠୀ ବୁଢୀ ମା' ସମସ୍ତଙ୍କର ଜନ୍ମଦାତ୍ରୀ ବୋଲି ହିନ୍ଦୁମାନେ ବିଶ୍ୱାସ କରିଥାନ୍ତି। ସକାଳୁ ଗୃହିଣୀମାନେ ବିଭିନ୍ନ ସ୍ଥାନରୁ ବଣ ସାରୁ ଓ ବଜ୍ରମୂଳି ଗଛ, ଦୁବ ବରକୋଳି ପତ୍ର, ଫୁଲ ଆଦି ସଂଗ୍ରହ କରିବା ପରେ ଘରେ ଥିବା ଶିଳ, ଶିଳପୁଆକୁ ଧୋଇ ସଫା କରିଥିଲେ। ଏହି ଶିଳପୁଆରେ ହଳଦୀ ଲେପି ୬ ଖଣ୍ଡ ହଳଦୀ କନା ଗୁଡାଇ କଉଡିରେ ମଥା ଚିତା, ଦୁଇ ଆଖି ଓ ପାଟି ପ୍ରସ୍ତୁତ କରି ଷଠୀଦେବୀ ଭାବେ ପୂଜା ବେଦୀରେ ସ୍ଥାପନା କରିଥିଲେ। ବେଦୀରେ ଚିତା ପକାଇବା ପରେ ଷଠୀ ବୁଢୀ ମା'ଙ୍କ ପାଖରେ ବଜ୍ରମୂଳି ଓ ବଣ ସାରୁ ଗଛ ରଖିଥିଲେ। ଘରେ ପ୍ରସ୍ତୁତ ହୋଇଥିବା ୬ ତରକାରି, ୬ ପିଠାକୁ ମା'ଙ୍କୁ ସମର୍ପଣ କରି ପୂଜା କରିଥିଲେ। ସନ୍ଧ୍ୟାରେ ମା'ଙ୍କୁ ବନ୍ଦାପନା କରାଯାଇ ଓଷା ଉଦ୍‌ଯାପନ କରାଯାଇଥିଲା।


ମହିଳାମାନେ ପ୍ରସ୍ତୁତ କରିଥିବା ଷଠୀ ମା'ଙ୍କ ପ୍ରତିମା।